# କନ୍ଧମାଳ ପୁଲିସ୍ ବ୍ୟବସ୍ଥାକୁ ନେଇ କର୍ମଶାଳା

## ✦ ଦେଢ ବର୍ଷରେ ୨୦୭୭ ମାମଲା ✦ଟାଉନଥାନାରେ ୪୯୨ କେସ୍ ✦୭୯ ପଦବୀ ଫାଙ୍କା✦୧୨ଟି ଥାନାରେ ର୍‌ୟାମ୍ପ ନାହିଁ✦୭ଟି ଥାନାରେ ଗିରଫଦାରୀ ଗାଇଡଲାଇନ ନାହିଁ

ଭୁବନେଶ୍ୱରଠାରେ ସିଭିଲ୍ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ୍ ରାଇଟସ୍ ପକ୍ଷରୁ କନ୍ଧମାଳ ଜିଲ୍ଲାରେ ଥିବା ଥାନାରେ କାର୍ଯ୍ୟ ସମ୍ପର୍କିତ ଏକ ରିପୋର୍ଟ ଉପରେ ସିଭିଲ୍ ସୋସାଇଟି ସଦସ୍ୟ, ରାଜନୈତିକ ଦଳର ପ୍ରତିନିଧି ଓ ସାମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ସହ ଆଲୋଚନା କରାଯାଇଥିଲା । ୨୦୧୭ ରୁ ୨୦୧୮ ମଇ ମାସ ପର୍ଯ୍ୟନ୍ତ ସମୟ ଅବଧି ମଧ୍ୟରେ ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଆଧାରରେ ଏହି ରିପୋର୍ଟଟି ପ୍ରସ୍ତୁତ ହୋଇଛି । ଏହି ରିପୋର୍ଟରୁ ଜଣାପଡିଛି ଯେ, କନ୍ଧମାଳର ବିଭିନ୍ନ ଥାନାଗୁଡିକରେ ମୋଟ୍ ୨୦୭୭ଟି ମାମଲା ରୁଜୁ ହୋଇଛି ଓ ଏଥିମଧ୍ୟରୁ ଟାଉନ ଥାନାରେ ୪୯୨ ଓ ଚକାପାଦ ଥାନାରେ ୭୩୧ଟି ମାମଲା ହୋଇଛି । କନ୍ଧମାଳରେ ଯୌନ ନିର୍ଯାତନା ଓ ମହିଳାଙ୍କ ବିରୋଧରେ ହିଂସା ସଂଖ୍ୟା ମୋଟ୍ ୪୭୭ । ତୁମୁଡିବନ୍ଧ ଥାନାରେ ଏସମ୍ପର୍କିତ ମାମଲା ସର୍ବାଧିକ(୯୧) । ମୋଟ ମାମଲା ମଧ୍ୟରୁ ୧୦୪ଟି ଯୌତୁକ ନିର୍ଯାତନା ମାମଲା ରହିଛି । ଏସସିଏସଟି ଆକ୍ଟ ଅଧିନରେ ପୂରା ଜିଲ୍ଲାରେ ୧୯ଟି ମାମଲା ହୋଇଛି । ଶିଶୁ ନିର୍ଯାତନା ମାମଲା ସଂଖ୍ୟା ୨୪ । ଜିଲ୍ଲାର ଥାନାଗୁଡିକରେ ମୋଟ୍ ୨୦୦ ପୁରୁଷ କର୍ମଚାରୀ ଥିବା ବେଳେ ମାତ୍ର ୩୭ ଜଣ ମହିଳା ପୁଲିସ୍ କର୍ମଚାରୀ ଅଛନ୍ତି । ୭୯ ପଦବୀ ଖାଲି ପଡିଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଜଣାପଡିଛି । ବେଲଘର ଓ ଏନର୍ଜି ଥାନାରେ ମହିଳା କର୍ମଚାରୀ ନାହାନ୍ତି । ଜିଲ୍ଲାର ୧୮ଟି ଥାନାରୁ ୧୨ଟିରେ ର୍‌ୟାମ୍ପ ବ୍ୟବସ୍ଥା ନାହିଁ, ୩ଟି ଜୁଭେନାଇଲ୍ ରୁମ୍ ନାହିଁ, ୧୩ଟି ଥାନାରେ ଫ୍ୟାକ୍ସ କାମ କରୁନାହିଁ, ୪ଟି ଥାନାରେ ଇମେଲ୍ ବ୍ୟବସ୍ଥା ନାହିଁ ଓ ୧୨ଟି ଥାନାରେ ମହିଳାଙ୍କ ପାଇଁ ବାରାକ୍ ନାହିଁ । ୧୩ଟି ଥାନାରେ ଥାନାରେ ସିସିଟିଭି ଲାଗିଛି । ଅନ୍ୟ ଥାନାଗୁଡିକ ତଥ୍ୟ ପ୍ରଦାନ କରିନାହାନ୍ତି । କୌଣସି ଥାନାରେ ଦରଖାସ୍ତ ଗ୍ରହଣ କରିବା ସମୟରେ ପ୍ରାପ୍ତିସ୍ୱିକାର ଦେବାର ଲୋକପାଳଙ୍କ ନିର୍ଦ୍ଦେଶନାମା ଓ ଡିଜିଙ୍କ ସର୍କୁଲାର ଉପଲବ୍ଧ ନାହିଁ । ୭ଟି ଥାନାରେ ଗିରଫଦାରୀ ସମ୍ପର୍କିତ ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍ ପ୍ରଦର୍ଶିତ ହେଉନାହିଁ । ୫ଟି ଥାନାରେ ୨୪ ଘଂଟା ମଧ୍ୟରେ ହୋଇଥିବା ଗିରଫଦାରୀ ସମ୍ପର୍କରେ ତାଲିକା ପ୍ରକାଶ କରିବାର ବ୍ୟବସ୍ଥା ନାହିଁ । ସୂଚନା ଅଧିକାର ଆଇନ ଅନୁସାରେ ୧୭ ପ୍ରକାର ଦସ୍ତାବିଜ୍ ଥାନାଗୁଡିକ ପ୍ରସ୍ତୁତ କରି ଲୋକମାନଙ୍କ ଦେଖିବା ପାଇଁ ରଖିଥିବା ଦରକାର । କିନ୍ତୁ ଅଧିକାଂଶ ଥାନାରେ ଏହା କରିନାହାନ୍ତି । କନ୍ଧମାଳ ଜିଲ୍ଲାରେ ୨୦୧୭ରେ ପୁଲିସ୍ ବିରୋଧରେ ମାତ୍ର ଗୋଟିଏ ଅଭିଯୋଗ ରୁଜୁ ହୋଇଛି । ଏହି କର୍ମଶାଳାରେ ଫୋରମ୍ ପକ୍ଷରୁ ଏହାର ଆବାହକ ଧୀରେନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗବେଷଣା ଅଧିକାରୀ ଡକ୍ଟର ପ୍ରଜ୍ଞାପରମିତା ଜେନା, ମାନବାଧିକାର କର୍ମୀ ନରେନ୍ଦ୍ର ମହାନ୍ତି, ଚନ୍ଦ୍ରନାଥ ଦାନି, ତପନ ପାଢୀ, ସୂଚନା ଅଧିକାର କର୍ମୀ ପ୍ରକାଶ ସାମନ୍ତ ସିଂହାର ପ୍ରମୁଖ ଏହି ଆଲୋଚନା କରିଥିଲେ । ରଣଜିତ୍ ସୁତାର ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।